ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକୀୟ ପ୍ରକଳ୍ପର ନିୟମାବଳୀ

**Course Code – DOLC – 05**

**Course Type – Project**

**Weightage – 100 marks**

**Project Report- 75%**

**Viva –Vice -25%**

**ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**

(ଓଡିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ)

ପ୍ରକଳ୍ପର ଶୀର୍ଷକ

ବିଦ୍ୟାର୍ଥୀଙ୍କ ନାମ .................

ଦିଗ୍‌ଦର୍ଶକଙ୍କ ନାମ .................

ଦାଖଲ ତାରିଖ ..................

## ପ୍ରକଳ୍ପର ଉଦ୍ଦେଶ୍ୟ

ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମର ପାଠ୍ୟକ୍ରମର ଅଂଶ ବିଶେଷ ଭାବରେ ରହିଛି ପ୍ରକଳ୍ପ ରଚନା। ମୂଳଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନେ ନିଜସ୍ୱ ଚେଷ୍ଟାରେ କୌଣସି ସୃଜନଶୀଳ ରଚନା, ସାକ୍ଷାତ୍କାର, ଅନୁବାଦ, ସମ୍ବାଦର ରଚନା, ଫିଚର ପ୍ରସ୍ତୁତି, ଗ୍ରନ୍ଥ ସମୀକ୍ଷା ଆଦି ୧୫୦୦ – ଶବ୍ଦମଧ୍ୟରେ ପ୍ରସ୍ତୁତ କରିବେ। ଲିଖନ କୌଶଳରେ ପାରଦର୍ଶିତା ଅଭ୍ୟାସ ଓ ପ୍ରଦର୍ଶନ ନିମିତ୍ତ ଏହା ଉଦ୍ଦିଷ୍ଟ। ଏହାଦ୍ୱାରା ତଥ୍ୟ ବିଶ୍ଳେଷଣ, ଉପସ୍ଥାପନା କୌଶଳ, ଅନୁବାଦ କୌଶଳ ଓ ନିଜସ୍ୱ ମୌଳିକ ମତାମତ ପ୍ରଦାନ କରିବାର ସୁଯୋଗ ସୃଷ୍ଟି ହେବ। ପ୍ରାରମ୍ଭିକ ସ୍ତରରେ ପ୍ରକଳ୍ପଟିର ରୂପରେଖ ସଂପର୍କରେ ସର୍ବାଧିକ ଦୁଇଶହ ଶବ୍ଦ ମଧ୍ୟରେ ଗୋଟିଏ ସଂକ୍ଷିପ୍ତ ରୂପ ନିମ୍ନୋକ୍ତ ଠିକଣାରେ ଦାଖଲ କରିବେ। ଉକ୍ତ ସଂକ୍ଷିପ୍ତ ରୂପଟି ଅନୁମୋଦିତ ହେବାପରେ ପ୍ରକଳ୍ପର ପୂର୍ଣ୍ଣାଂଗରୂପ ପ୍ରସ୍ତୁତ କରି ନିଜ ନିଜର ଅଧ୍ୟୟନ କେନ୍ଦ୍ରରେ ଅନୁମୋଦିତ ରୂପ ସହ ମୂଲ୍ୟାୟନ ନିମନ୍ତେ ଦାଖଲ କରିବେ । ସମ୍ପୃକ୍ତ ଅଧ୍ୟୟନ କେନ୍ଦ୍ରର ପରାମର୍ଶଦାତାମାନେ ଏହି ପ୍ରକଳ୍ପର ମାର୍ଗଦର୍ଶନ ଓ ମୂଲ୍ୟାୟନ କରିବାକୁ ଅନୁରୋଧ।

ପ୍ରକଳ୍ପର ଶୀର୍ଷକ ସହ ସଂକ୍ଷିପ୍ତ ରୂପ ଅନୁମୋଦନ ନିମନ୍ତେ ଦାଖଲ କରିବାର ଶେଷ ତାରିଖ **୩୦.୫.୨୦୧୭**
ପୂର୍ଣ୍ଣାଙ୍ଗ ପ୍ରକଳ୍ପ ଦାଖଲର ଶେଷ ତାରିଖ **୩୦.୬.୨୦୧୭**

## ପ୍ରକଳ୍ପ ଆବେଦନ ଓ ଅନୁମୋଦନର ଠିକଣା

ଡକ୍ଟର ଦିଲୀପ କୁମାର ନାୟକ
ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ କାର୍ଯ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର
ଭୁବନେଶ୍ୱର - ୭୫୧୦୧୪
ଇ-ମେଲ ମାଧ୍ୟମରେ ଆବେଦନ / ଅନୁମୋଦନ ଗ୍ରହଣୀୟ
ଇ-ମେଲ ଠିକଣା – dk.nayak@osou.ac.in
ଫୋନ ନଂ – ୯୪୩୭୯୦୧୭୧୮
୦୬୭୪-୨୯୭୦୭୭୯

## ପ୍ରକଳ୍ପର ବିବରଣୀ

**ଓଡିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ (DOLC)**

**ଶିକ୍ଷାବର୍ଷ – ୨୦୧୬-୧୭**

ବିଦ୍ୟାର୍ଥୀଙ୍କ ପଞ୍ଜୀକୃତ ସଂଖ୍ୟା ................ ନାମ ଲେଖା ବର୍ଷ – ୨୦୧୬-୧୭ ..............

ଅଧ୍ୟୟନ କେନ୍ଦ୍ରର ନାମ ............... ଅଧ୍ୟୟନ କେନ୍ଦ୍ରର କୋଡ଼ .................

ଇ-ମେଲ୍ ଠିକଣା ................ ଟେଲିଫୋନ୍ ନମ୍ବର ................

୧- ବିଦ୍ୟାର୍ଥୀଙ୍କ ନାମ ଓ ଠିକଣା
୨- ଦିଗ୍‌ଦର୍ଶକଙ୍କ ନାମ, ପଦବୀ ଓ ଠିକଣା
୩- ପ୍ରକଳ୍ପର ଶୀର୍ଷକ
୪- ପ୍ରକଳ୍ପର ଆଭିମୁଖ୍ୟ
୫- ପ୍ରକଳ୍ପର ଭବିଷ୍ୟ କାର୍ଯ୍ୟକାରୀତା
୬- ପ୍ରକଳ୍ପରେ ଆଚରିତ ପଦ୍ଧତି

ବିଦ୍ୟାର୍ଥୀଙ୍କ ସ୍ୱାକ୍ଷର
ତାରିଖ ..........

ଦିଗ୍‌ଦର୍ଶକଙ୍କ ସ୍ୱାକ୍ଷର
ତାରିଖ ............

## କୃତଜ୍ଞତା ପତ୍ର

ଓଡିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଉକ୍ତ ପ୍ରକଳ୍ପ ପ୍ରସ୍ତୁତି କାଳରେ ଦିଗ୍‌ଦର୍ଶକଙ୍କ ଭୂମିକା ନିଭେଇବା ଅବସରରେ ପୂଜ୍ୟ ଶ୍ରୀ / ଶ୍ରୀମତୀ / ଡକ୍ଟର .............. (ନାମ ଓ ଠିକଣା) ମୋତେ ଆବଶ୍ୟକ ମୁତାବକ ଯଥେଷ୍ଟ ପରାମର୍ଶ ଓ ସହଯୋଗ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ।

ଇତ୍ୟବସରରେ ମୋର ଅଧ୍ୟୟନ କେନ୍ଦ୍ରର ସଂଯୋଜକ, ସମସ୍ତ କର୍ମକର୍ତ୍ତା ତଥା କାର୍ଯ୍ୟକ୍ରମର ପରାମର୍ଶଦାତା ଶ୍ରୀ / ଶ୍ରୀମତୀ ଡ଼ଃ ................ ଙ୍କ ପ୍ରତି ମୋର କୃତଜ୍ଞତା ଜଣାଉଛି।

ବିଦ୍ୟାର୍ଥୀଙ୍କ ସ୍ୱାକ୍ଷର

ତାରିଖ..............

## ଦିଗ୍‌ଦର୍ଶକଙ୍କ ପ୍ରମାଣପତ୍ର

ଓଡିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଶ୍ରୀ / ଶ୍ରୀମତୀ / ଡ଼ଃ ................ ଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ '................' (ଶୀର୍ଷକ)ଟି ମୋର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପନ୍ନ ହୋଇଅଛି। ଏହା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ କୌଣସି ଡ଼ିଗ୍ରି /ଡ଼ିପ୍ଲୋମା ପାଇଁ ପ୍ରଦାନ କରାଯାଇନାହିଁ।

ସ୍ୱାକ୍ଷର / ପ୍ରକଳ୍ପ ଦିଗ୍‌ଦର୍ଶକ

## କେବଳ କାର୍ଯ୍ୟାଳୟ ନିମନ୍ତେ

ପ୍ରକଳ୍ପର ସଂକ୍ଷିପ୍ତରୂପ - ଗୃହୀତ ହେଲା

ଗୃହୀତ ହେଲା ନାହିଁ

କାର୍ଯ୍ୟକ୍ରମ ସଂଯୋଜକଙ୍କ ସ୍ୱାକ୍ଷର

## ପ୍ରକଳ୍ପ ଅନୁମୋଦନ ନିମିତ୍ତ ଆବେଦନ ପତ୍ର

**ବିଦ୍ୟାର୍ଥୀଙ୍କ ନାମ -**

କ୍ରମିକ ସଂଖ୍ୟା –

ଠିକଣା –

ଫୋନ ନଂ –

ପ୍ରକଳ୍ପର ଶୀର୍ଷକ –

ଇ-ମେଲ ଠିକଣା –

**ପ୍ରକଳ୍ପ ଦିଗଦର୍ଶକଙ୍କ ନାମ -**

ଠିକଣା -

ଫୋନ୍ ନଂ –

ଇ-ମେଲ –

**ଦିଗଦର୍ଶକଙ୍କ ସ୍ୱୀକୃତି –**

ନିଜ ଅଧ୍ୟୟନ କେନ୍ଦ୍ରରେ କାର୍ଯ୍ୟରତ ଯେ କୌଣସି ପରାମର୍ଶଦାତା ଦିଗ୍‌ଦର୍ଶକଙ୍କ ଭୂମିକା ତୁଲାଇପାରିବେ। ପ୍ରକଳ୍ପ ଆବେଦନଟିର ବିଷୟ ଓ ପରିସର ଅନୁମୋଦିତ ହେବାପରେ ବିଦ୍ୟାର୍ଥୀ ସେହି ଦିଗ୍‌ଦର୍ଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକରି ପ୍ରକଳ୍ପ ସଂପୂର୍ଣ୍ଣ କରିବେ ଓ ମୂଲ୍ୟାୟନ ନିମିତ୍ତ ଅଧ୍ୟୟନ କେନ୍ଦ୍ରରେ ଦାଖଲ କରିବେ। ମୂଲ୍ୟାୟନର ଦୁଇଟି ବିଭାଗ ରହିବ, ଲିଖିତ ଓ ମୌଖିକ। ପ୍ରଥମତଃ ପ୍ରକଳ୍ପର ଲିଖିତରୂପର ମୂଲ୍ୟାୟନ ଶତକଡ଼ା ପଞ୍ଚସ୍ତରୀ ଭାଗ ଗୁରୁତ୍ୱ ବହନ କରିବ ଏବଂ ଦ୍ୱିତୀୟରେ ଅବଶିଷ୍ଟ ଶତକଡ଼ା ପଚିଶଭାଗର ମୂଲ୍ୟାୟନ ମୌଖିକ ପରୀକ୍ଷା ମାଧ୍ୟମରେ କରାଯିବ।

## ପ୍ରକଳ୍ପ ରଚନାର ପ୍ରସ୍ତୁତିବିଧି

୧- ପ୍ରକଳ୍ପର ଶୀର୍ଷକ

୨- ପ୍ରକଳ୍ପ ଦିଗ୍‌ଦର୍ଶକଙ୍କ ସ୍ୱୀକୃତିପତ୍ର

୩- ପ୍ରକଳ୍ପର ସାରାଂଶ (ସଂକ୍ଷିପ୍ତରୂପ ୨୦୦ ଶବ୍ଦ ମଧ୍ୟରେ)

୪- ପ୍ରକଳ୍ପର ଉଦ୍ଦେଶ୍ୟ

୫- ବିଦ୍ୟାର୍ଥୀଙ୍କ କୃତଜ୍ଞତାପତ୍ର

୬- ସୂଚୀପତ୍ର

୭- ମୁଖ୍ୟାଂଶ

୮- ସାରଣୀ (Table)

**ପ୍ରକଳ୍ପ ଶୀର୍ଷକ**

**ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ (୨୦୦ ଶବ୍ଦ ମଧ୍ୟରେ)**

**ପ୍ରକଳ୍ପର ପୂର୍ଣ୍ଣାଙ୍ଗ ରୂପ**

- **ଉପକ୍ରମ** - ପ୍ରକଳ୍ପର ରଚନା ମୁଖ୍ୟ ଉଦ୍ଦେଶ୍ୟ – ମୁଖ୍ୟତଃ ଏହି ଅଂଶରେ ପ୍ରକଳ୍ପରେ ପ୍ରତିଫଳିତ ହେବାକୁ ଥିବା ପ୍ରମୁଖ ଲକ୍ଷ୍ୟକୁ ଦର୍ଶାଯିବ।
- **ପୃଷ୍ଠଭୂମି** – କେଉଁ ପ୍ରକାରର ପୃଷ୍ଠଭୂମି ଉପରେ ପ୍ରକଳ୍ପ ଆଧାରିତ ହେବ, ତାର ସଂପୂର୍ଣ୍ଣ ବିବରଣୀ ରହିବ। ଏହି ଅଂଶରେ ପ୍ରକଳ୍ପ ସଂବନ୍ଧିତ ପୂର୍ବଆଲୋଚନା ରହିବ ଏବଂ ସେଥିମଧ୍ୟରେ ନିଜ ଆଲୋଚନାର ସ୍ୱତନ୍ତ୍ର ଆବଶ୍ୟକତାକୁ ଉଲ୍ଲେଖ କରିବେ। କିଛି ଦୃଷ୍ଟାନ୍ତ ମାଧ୍ୟମରେ ଉଦ୍ଦେଶ୍ୟ ବ୍ୟକ୍ତ କଲେ ତାହା ଅଧିକ ଯୁକ୍ତିଯୁକ୍ତ ଓ ଗ୍ରହଣ ଯୋଗ୍ୟ ହୋଇପାରିବ।
- **ପଦ୍ଧତି** - ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ କେଉଁ ପଦ୍ଧତି ଆଚରିତ ହୋଇଛି  ଯଥା – ବିଶ୍ଳେଷଣାତ୍ମକ, ପ୍ରଶ୍ନୋତ୍ତର ଭିତ୍ତିକ, ବର୍ଣ୍ଣନାଧର୍ମୀ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି) ଲେଖିବେ।
- **ମୁଖ୍ୟାଂଶ** – ଏହି ଅଂଶରେ ପ୍ରକଳ୍ପର ଶୀର୍ଷକ ଆଧାରିତ ଆଲୋଚନା ବିସ୍ତୃତ ଭାବରେ କରାଯିବ। ଏଥି ସଂପର୍କିତ ପ୍ରସଂଗ, ବିବାଦ, ସମସ୍ୟା ଇତ୍ୟାଦି ଆଲୋଚନା କରି ନିଜ ଦ୍ୱାରା ମନୋନୀତ ପ୍ରସଂଗଟି ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବେ। ତଦ୍ୱାରା ଏକ ନୂତନ ପ୍ରସଙ୍ଗ / ସମସ୍ୟା ବର୍ଣ୍ଣନା ପାଠକ ବା ସମୀକ୍ଷକଙ୍କ ଦ୍ୱାରା ଆଦୃତ ହୋଇପାରିବ।
- **ସମାଧାନ ଓ ପରାମର୍ଶ** - ଯଦି ପ୍ରକଳ୍ପଟି କୌଣସି ସମସ୍ୟା ଆଧାରିତ ହୋଇଥାଏ ତେବେ ସମାଧାନର କିଛି ନୂତନ ପନ୍ଥା ନିର୍ଦ୍ଦେଶ କରିବେ। ଏହି ଅଂଶଟିରେ ବିବାଦ / ସମସ୍ୟା ମୋଚନ ନିମନ୍ତେ ପରାମର୍ଶ ରହିବ। ଯଦି ଏହା ସମୀକ୍ଷା / ସାକ୍ଷାତ୍କାର ସମ୍ବନ୍ଧିତ ହୋଇଥାଏ ତେବେ ସମୀକ୍ଷାର ନୂତନ ଦିଗ ଓ ସାକ୍ଷାତ୍କାର ମଧ୍ୟରେ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ସତ୍ତାକୁ ଉନ୍ମୋଚିତ କଲାଭଳି ପ୍ରଶ୍ନାବଳୀମାନ ପ୍ରସ୍ତୁତ କରିବେ। ସାହିତ୍ୟିକ ଦାର୍ଶନିକ, ଐତିହାସିକ, କ୍ରୀଡ଼ାବିତ୍, ରାଜନେତା, ବୈଜ୍ଞାନିକ ଅଥବା ସମାଜ ସଂସ୍କାରକ ହୋଇଥିଲେ ତାଙ୍କର ବିଶେଷତ୍ୱଟିକୁ ସାକ୍ଷାତ୍କାରର ପ୍ରାକ୍ ସୂଚନାରେ ପାଠକଙ୍କ ଅବବୋଧ ନିମନ୍ତେ ପ୍ରଦାନ କରିବେ। ଗ୍ରନ୍ଥ ସମୀକ୍ଷାରେ ଲେଖା / ଲେଖକଙ୍କ ସ୍ୱତନ୍ତ୍ରତା / ସ୍ୱତନ୍ତ୍ର ସତ୍ତାକୁ ଆବିଷ୍କାର କରିବାକୁ ଚେଷ୍ଟା କରିବେ।
- **ଭବିଷ୍ୟ ଆଲୋଚନା ନିମନ୍ତେ ପରାମର୍ଶ –**

  ଉକ୍ତ ପ୍ରକଳ୍ପ ପ୍ରସ୍ତୁତିକାଳରେ ଅନେକ ଅନାଲୋଚିତ ଦିଗ ଉନ୍ମୋଚିତ ହୋଇଥିବ। ପ୍ରସଂଗ ସହିତ ସମତାଳରେ ଆହୁରି ଅନେକ କଥା ହୁଏତ ମନକୁମନ ଆସିଯାଇଥିବ ଅଥବା ପ୍ରକଳ୍ପଟି କୌଣସି ଉନ୍ନତତର ଦିଗ ଆଡ଼କୁ ଇଂଗିତ ପ୍ରଦାନ କରୁଥିବ, ତେବେ ସେସବୁକୁ ପ୍ରକଳ୍ପର ସମ୍ଭାବ୍ୟ ଦିଗ ଭାବରେ ସ୍ଥାନିତ କରିପାରିବେ।

- **ଉପସ୍ଥାପନା** – ଏହି କ୍ରମରେ ସମଗ୍ର ପ୍ରକଳ୍ପଟି ଉପରେ ମୋଟାମୋଟି ମନ୍ତବ୍ୟ ପ୍ରଦାନ କରିବେ ଯାହା ଉପକ୍ରମରେ ପ୍ରଦତ୍ତ ସମ୍ଭାବନା ସହିତ ମେଳ / ସମନ୍ୱୟ ରଖୁଥିବ।
- **ସହାୟକ ସୂଚୀ** – ସହାୟକ ସୂଚୀରେ ସହାୟତା ନେଇଥିବା ଗ୍ରନ୍ଥ / ଲେଖକ / ସ୍ଥାନ (Web) ଇତ୍ୟାଦିକୁ ଉଲ୍ଲେଖ କରିବେ।

- **ବହିକ୍ଷେତ୍ରରେ -** ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର (ପ୍ରକାଶକାଳ) ଗ୍ରନ୍ଥ / ପ୍ରବନ୍ଧର ନାମ, ପ୍ରକାଶକ ଓ ଠିକଣା
- **ସଂପାଦିତ ଗ୍ରନ୍ଥ / ପତ୍ରିକା କ୍ଷେତ୍ରରେ –** ସଂପାଦକଙ୍କ ନାମ ପୂର୍ବମତେ ଉଲ୍ଲେଖ କରିବେ। ଗ୍ରନ୍ଥ / ପତ୍ରିକାର ନାମ, ପ୍ରକାଶକାଳ
- **କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ବା ଲେଖା** କ୍ଷେତ୍ରରେ ଲେଖକଙ୍କ ନାମ, ଲେଖାର ଶୀର୍ଷକ, ପ୍ରକାଶକ, ପ୍ରକାଶକାଳ, ଅପ୍ରକାଶିତ ନିବନ୍ଧ କ୍ଷେତ୍ରରେ ଲେଖକଙ୍କ ନାମ, କେଉଁ ଅନୁଷ୍ଠାନରେ, କେଉଁ ମର୍ମରେ ଏହା ଉପଲବ୍ଧ ତାହା ଉଲ୍ଲେଖ କରିବେ। କୌଣସି ସଭା ସମିତିରେ ଉପସ୍ଥାପିତ ନିବନ୍ଧ ହୋଇଥିଲେ ଲେଖକ, ଶୀର୍ଷକ ଓ କେଉଁଠାରେ , କେବେ ଉପସ୍ଥାପିତ ହୋଇଥିଲା ତାର ନିର୍ଭୁଲ୍ ବିବରଣୀ ଦେବେ।
- **ୱେବ୍‌ସାଇଟ୍ କ୍ଷେତ୍ରରେ** ଲେଖକ / ଲେଖାର ଶୀର୍ଷକ / ୱେବସାଇଟ୍‌ର ମୂଳସୂତ୍ର ପ୍ରଦାନ କରିବେ।

➢ **ପ୍ରମୁଖ ଶବ୍ଦାବଳୀ –**

ସମଗ୍ର ଆଲୋଚନାଟିରେ ବ୍ୟବହୃତ ଓ ଗୁରୁତ୍ୱବହନ କରୁଥିବା ପ୍ରମୁଖ ଶବ୍ଦାବଳୀ ଉଲ୍ଲେଖ କରିବା ସହ ସେହି ଶବ୍ଦଗୁଡିକ କେଉଁ ଅର୍ଥ / ପ୍ରାସଂଗିକତା ବହନ କରୁଛନ୍ତି, ତାହା ଉଲ୍ଲେଖ କରିବେ।

**<u>ପ୍ରକଳ୍ପ ରଚନାର ସମ୍ଭାବ୍ୟ ପରିସର</u>**

**୧. ସମସ୍ୟାଧର୍ମୀ ସମ୍ବାଦ ରଚନା :**

ପ୍ରସଙ୍ଗ : ଜଳ ସମସ୍ୟା – (୧) ପାନୀୟଜଳ ସମସ୍ୟା (ଗ୍ରାମ ବା ସହରକୈନ୍ଦ୍ରୀକ)
(୨) ଜଳସେଚନ ସମସ୍ୟା (ଗ୍ରାମ ବା ସହରକୈନ୍ଦ୍ରୀକ)
(୩) ନଦୀ ବଢି ସମସ୍ୟା (ଗ୍ରାମ ବା ସହରକୈନ୍ଦ୍ରୀକ)

ସ୍ୱାସ୍ଥ୍ୟ ସମସ୍ୟା – (୧) ଗ୍ରାମୀଣ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା
(୨) ସହରାଞ୍ଚଳର ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା
(୩) ବିଭିନ୍ନ ଡାକ୍ତରଖାନାରେ ରହିଥିବା ଅବ୍ୟବସ୍ଥା
(୪) ଆମ୍ବୁଲାନ୍ସ ସେବାରେ ରହିଥିବା ଅବ୍ୟବସ୍ଥା

ଶିକ୍ଷା ସମସ୍ୟା – (୧) ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଥିବା ଶିକ୍ଷା ଅବ୍ୟବସ୍ଥା
(୨) ବିଦ୍ୟାଳୟ ଗୁଡିକରେ ଛାତ୍ର ଅନୁପସ୍ଥିତି ସମସ୍ୟା
(୩) ପାଠ୍ୟ ପୁସ୍ତକ ଜନିତ ସମସ୍ୟା
(୪) ଶିକ୍ଷକ ଅଭାବ ଜନିତ ସମସ୍ୟା

ଖାଦ୍ୟ, କର୍ମଯୋଗାଣ ବଣ୍ଟନ ବ୍ୟବସ୍ଥା - ଅସହାୟ ପରିବାରଙ୍କ ସମସ୍ୟା / ବିଭିନ୍ନ ଶିଳ୍ପାନୁଷ୍ଠାନରେ ଶ୍ରମିକ ସମସ୍ୟା ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ (କଣ୍ଟ୍ରୋଲ ଖାଦ୍ୟ ସାମଗ୍ରୀ - କିରୋସିନୀ, ଚିନି, ଗହମ ଇତ୍ୟାଦି) ଅବ୍ୟବସ୍ଥା।

ଧାନ ମଣ୍ଡିରେ ଥିବା ଅବ୍ୟବସ୍ଥା / ଋଣଗ୍ରସ୍ତ ଚାଷୀ ସମସ୍ୟା।

ରାସ୍ତା ଓ ଗମନାଗମନ - ନିର୍ଦ୍ଦିଷ୍ଟ ଆଞ୍ଚଳରେ ରାସ୍ତା, ପୋଲ ଆଦି ସମସ୍ୟା ସଂପର୍କିତ ସମ୍ବାଦ।

ଏହା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ସମସ୍ୟାକୁ ନେଇ ସମ୍ବାଦ ପ୍ରସ୍ତୁତ କରାଯାଇପାରେ।

୨. **ଫିଚରଧର୍ମୀ ସମ୍ବାଦ ରଚନା :** (ପର୍ବପର୍ବାଣୀ, ସଂସ୍କୃତି ଓ ଧର୍ମସଂପର୍କିତ) ଓଡ଼ିଶାରେ ରାଜ୍ୟସ୍ତରୀୟ ପର୍ବ ପର୍ବାଣୀ, ଯାତ୍ରା, ସଂଗୀତ ମହୋତ୍ସବ ଅନୁଷ୍ଠିତ ହେଉଥିବା ସମୟରେ ଆଞ୍ଚଳିକ ସ୍ତରରେ ମଧ୍ୟ ବହୁ ପର୍ବ ପର୍ବାଣି ଅନୁଷ୍ଠିତ ହେଉଥାଏ। ଏ ସବୁ ସଂପର୍କରେ ଫିଚର ରଚନା କରାଯାଇପାରିବ।

(କ) ରଥଯାତ୍ରା (ଖ) ଦୋଳଯାତ୍ରା (ଗ) ମକର ମେଳା (ଘ) ଶିବରାତ୍ରୀ ମେଳା (ଙ) ଯୋରନ୍ଦା ମେଳା
(ଚ) ଖଣ୍ଡଗିରି ମେଳା (ଛ) ଧନୁଯାତ୍ରା (ବରଗଡ଼ ତଥା ଅନ୍ୟାନ୍ୟ ଅଞ୍ଚଳ) (ଜ) ଚଡ଼କଯାତ୍ରା (ଟ)ରଜପର୍ବ
(ଞ) ଅଶୋକାଷ୍ଟମୀ (ଟ) ପରବ (କୋରାପୁଟରେ ଅନୁଷ୍ଠିତ ହେଉଥିବା ଆଦିବାସୀ ସଂପ୍ରଦାୟର ଉତ୍ସବ)
(ଠ) ବ୍ରହ୍ମପୁରର ମା' ଠାକୁରାଣୀ ଯାତ୍ରା (ଡ) ଚନ୍ଦନଯାତ୍ରା (ଢ) ମାଘ ମେଳା (ଚନ୍ଦ୍ରଭାଗା) ଇତ୍ୟାଦି।

ଏହା ବ୍ୟତୀତ ରାଜ୍ୟସ୍ତରୀୟ ବହୁ ସାଂସ୍କୃତିକ ଓ ଧର୍ମସଂପର୍କିତ ଉତ୍ସବ ଆୟୋଜନ କରାଯାଇଥାଏ। ସେଗୁଡିକର ଆୟୋଜନ ପୂର୍ବରୁ ଅଥବା ପରେ ସେ ସଂପର୍କରେ ଫିଚର ରଚନା କରାଯାଇପାରେ।

୩. **ବିଜ୍ଞାନ ମେଳା / ପୁସ୍ତକମେଳା ଅନୁଭୂତି**

୪. **ସାକ୍ଷାତ୍‌କାର :** ନିର୍ଦ୍ଦିଷ୍ଟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସମାଜର ବିଭିନ୍ନ ସ୍ତରରେ ବ୍ୟକ୍ତି ବିଶେଷଙ୍କ ସାକ୍ଷାତ୍‌କାର ପ୍ରକାଶ କରାଯାଇପାରେ।

କ୍ଷେତ୍ର : ସମାଜ ସେବୀ, କ୍ରୀଡ଼ାବିତ୍, ସଙ୍ଗୀତଜ୍ଞ, ନୃତ୍ୟଗୀତ ଶିକ୍ଷା ଓ ଚିତ୍ରଶିଳ୍ପୀ, ରାଜନୀତିଜ୍ଞ, ବୈଷୟିକ ଜ୍ଞାନ ଓ ଉଚ୍ଚତର ଗବେଷଣାରତ ବୈଜ୍ଞାନିକ, ଧର୍ମ ପ୍ରଚାରକ, ସାମରିକ ସେବା, ପ୍ରଶାସକ, ଲେଖକ, ଡାକ୍ତର, ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ପରିଚାଳକ, ବିଭିନ୍ନ ପଦବୀରେ ଅବସ୍ଥାପିତ ବ୍ୟକ୍ତିତ୍ୱ, ସାହାସୀବାଳକ, ବାଳିକା, ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର / ଛାତ୍ରୀ, ପୁରସ୍କୃତ ହେଉଥିବା ବ୍ୟକ୍ତି ବିଶେଷ, ବିଭିନ୍ନ କମିଟିର ଚେୟାରମ୍ୟାନ ଅଥବା ଆବାହକ ଇତ୍ୟାଦି ବ୍ୟକ୍ତି ବିଶେଷ ଯେଉଁମାନେ ସମାଜରେ ନିଜ କାର୍ଯ୍ୟ ମାଧ୍ୟମରେ ଉଦାହରଣ ସୃଷ୍ଟି କରିଥାନ୍ତି।

୫. **ଅନୁବାଦ :** କୌଣସି କ୍ଷୁଦ୍ର ଗଳ୍ପ ଅଥବା ଜୀବନୀର କିଛି ଅଂଶ ଇଂରାଜୀରେ ଓଡିଆ ଭାଷାକୁ ଅନୁବାଦ କରାଯାଇପାରେ। ଏ କ୍ଷେତ୍ରରେ ମୂଳ ଇଂରାଜୀ ପାଠଟିକୁ ମଧ୍ୟ ପ୍ରକଳ୍ପ ସହ ସଂଲଗ୍ନ କରିବେ।

ପ୍ରକଳ୍ପର ଅନୁମୋଦିତ ମୂଳରଚନା ପ୍ରକଳ୍ପ ସହିତ ସଂଲଗ୍ନ କରି ମୂଲ୍ୟାୟନ ନିମନ୍ତେ ନିଜ ନିଜର ଅଧ୍ୟୟନ କେନ୍ଦ୍ରରେ ଦାଖଲ କରିବାକୁ ହେବ।

| |
|---|
| ପ୍ରତ୍ୟେକ ପ୍ରକଳ୍ପ ୧୪ ଫଣ୍ଟ୍ ରେ ଟାଇପ୍ କରାଯିବା ଆବଶ୍ୟକ। ପ୍ରକଳ୍ପର ଶବ୍ଦସୀମା ୧୫୦୦ ରଖାଯାଇଛି। ଆବଶ୍ୟକସ୍ଥଳେ ଶବ୍ଦସୀମାରେ ଶତକଡ଼ା ଦଶଭାଗ କମ୍ ବା ବେଶୀ ବ୍ୟତିକ୍ରମ ଗ୍ରହଣୀୟ। |